# NATIONAL NEWS BULLETIN (ODIA)

**2 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଶାସନିକ ମଡେଲ ବ୍ୟବସ୍ଥାକୁ ନାଗରିକ କେନ୍ଦ୍ରିକ ଭାବେ ଗଢ଼ିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ।

\- ଆଜିଠାରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସାଧନା ସପ୍ତାହ ୨୦୨୬ ପାଳନ କରିବ ଦକ୍ଷତା ଗଠନ ଆୟୋଗ ।

- ୪୦ଟି ପେଟ୍ରୋ କେମିକାଲ ସାମଗ୍ରୀ ଉପରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସୀମା ଶୁଳ୍କ ଛାଡ ।

- ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ପ୍ରିପେଡ୍ ଇଲେକ୍ଟ୍ରି ସ୍ମାର୍ଟ ମିଟର ବ୍ୟବସ୍ଥା ବାଧ୍ୟତାମୂଳକ ନୁହେଁ-ସୂଚନା ଦେଲେ କେନ୍ଦ୍ର ଶକ୍ତି ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ହେବ ମୁକାବିଲା ।

# ପିଏମ୍-କର୍ମଯୋଗୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କହିଛନ୍ତି ଭାରତ ଦ୍ରୁତ ପରିବର୍ତ୍ତନଶୀଳ ଆକାଂକ୍ଷିତ ଚାହିଦା ନିମନ୍ତେ ପ୍ରଶାସନିକ ମଡେଲର ଆବଶ୍ୟକତା କେବଳ ଦକ୍ଷ ନୁହେଁ ବରଂ ନାଗରିକ କେନ୍ଦ୍ରିକ । ସେ କର୍ମଯୋଗୀ ସାଧନା ସପ୍ତାହ ୨୦୨୬ରେ ଉଦ୍‌ବୋଧନ ଦେବାବେଳେ ଏକ ଭିଡ଼ିଓ ବାର୍ତ୍ତାରେ ଏହା କହିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ଶାସନ ବ୍ୟବସ୍ଥା ନାଗରିକ ଦେବୋ ଭବ ମନ୍ତ୍ରରେ ପରିଚାଳିତ ହେଉଛି । ଏଥିରେ ଜନସେବାକୁ ଅଧିକ ସାମର୍ଥ୍ୟଯୁକ୍ତ ସଚେତନ ଏବଂ ନାଗରିକ କେନ୍ଦ୍ରିକ ଭାବେ ଗଢ଼ିତୋଳିବା ଲାଗି ଗୁରୁତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି ଦକ୍ଷତା ଗଠନ କମିଶନ ଏବଂ ମିଶନ କର୍ମଯୋଗୀ ହେଉଛି ଅତ୍ୟାଧୁନିକ ଉତ୍ସର୍ଗୀକୃତ ଏବଂ ପ୍ରତିକ୍ରିୟାଶୀଳ କାର୍ଯ୍ୟବଳ ପ୍ରସ୍ତୁତ କରିବା ଲାଗି ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । ବିକଶିତ ଭାରତ କେବଳ ଭିତ୍ତିଭୂମି ଏବଂ ପ୍ରଯୁକ୍ତି ବିଦ୍ୟାକୁ ନେଇ ଗଠନ କରାଯାଇ ପାରିବ ନାହିଁ ବରଂ ଜଣେ ଦକ୍ଷ ଏବଂ ପ୍ରତିବଦ୍ଧତା ମାନବ ସମ୍ବଳକୁ ନେଇ ସମ୍ଭବପର ହେବ । ଶାସନ ବ୍ୟବସ୍ଥାରେ ସହଜ ଭାବେ ଜୀବନ ଜୀବିକା ଶୈଳୀର ଉନ୍ନତି ଏବଂ ଗୁଣାତ୍ମକ ଜୀବନଯାପନ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**V/O (PM-Karmayogi)**

ପ୍ରଧାନମନ୍ତ୍ରୀ କହିଛନ୍ତି କୌଣସି ରାଷ୍ଟ୍ରର ଶକ୍ତି ଓ ସାମର୍ଥ୍ୟ ତାହାର ସଂସ୍ଥାଗୁଡ଼ିକର କ୍ଷମତା ଉପରେ ପର୍ଯ୍ୟବେସିତ ଏବଂ ଏହି କ୍ଷମତାକୁ ମଜଭୁତ କରିବା ଲାଗି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି । ଏକ

ଦାୟିତ୍ୱଶୀଳ ଅତ୍ୟାଧୁନିକ ଏବଂ ଉତ୍ତରଦାୟିତ୍ୱପୂର୍ଣ୍ଣ ଜନସେବା ପ୍ରଦାନ କରିବା ସରକାରଙ୍କର ଲକ୍ଷ୍ୟ ରହିଛି । ଯାହାକି ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ।

ଦକ୍ଷତା ଗଠନ ଆୟୋଗ ପକ୍ଷରୁ ଆଜିଠାରୁ ଚଳିତମାସ ୮ ତାରିଖ ପର୍ଯ୍ୟନ୍ତ ସାଧନା ସପ୍ତାହ ୨୦୨୬ ପାଳନ କରାଯିବ । ଏହା ଆୟୋଗର ପ୍ରତିଷ୍ଠା ଦିବସ ଏବଂ ମିଶନ କର୍ମଯୋଗୀର ୫ ବର୍ଷ ପୂର୍ତ୍ତି ଦିବସ ସହିତ ପାଳିତ ହେବ । ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ 'କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୨୫୦ରୁ ଊର୍ଦ୍ଧ୍ୱ ପ୍ରଶାସନିକ ସେବା ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକୁ ଏକତ୍ର କରିବା ସହ ଦକ୍ଷତା ଗଠନ ଦିଗରେ ପଦକ୍ଷେପ ନେବ ।

## ପିଏମ୍ ବିର୍ଲା-ହନୁମାନ ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହନୁମାନ ଜୟନ୍ତୀ ଅବସରରେ ଆଜି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଭଗବାନ ହନୁମାନ ହେଉଛନ୍ତି ଶକ୍ତି, ଭକ୍ତିଭାବ ଏବଂ ଉତ୍ସର୍ଗୀକୃତ ମନୋଭାବର ଅନନ୍ୟ ପ୍ରତୀକ । ସେ କହିଛନ୍ତି ଏହି ପର୍ବ ଶକ୍ତିର ପୁର୍ନଜାଗରଣ ଏବଂ ସମସ୍ତଙ୍କ ଜୀବନରେ ଉତ୍ସାହ ଆଣିଦେଇଛି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ହନୁମାନ ହେଉଛନ୍ତି ଶକ୍ତି, ଅନୁରାଗ ଏବଂ ସମର୍ପଣର ପ୍ରତୀକ । ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭଗବାନ ହନୁମାନଙ୍କୁ ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଭାବେ ଅଭିହିତ କରିବା ସହ ତାଙ୍କୁ ବୀରତ୍ୱ ସେବା ଏବଂ ସମର୍ପଣର ନିଦର୍ଶନ ଭାବେ ବର୍ଣ୍ଣନା କରିଛନ୍ତି ।

## ଗଭ୍ ପେଟ୍ରୋକେମିକାଲ କଷ୍ଟମସ ଡ୍ୟୁଟି

ପଶ୍ଚିମ ଏସିଆରେ ଜାରି ରହିଥିବା ସଙ୍କଟଜନକ ପରିସ୍ଥିତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧାପ୍ରାପ୍ତ ଦୃଷ୍ଟିରେ ରଖି ସରକାର କେତେକ ପେଟ୍ରୋ କେମିକାଲ୍ସ ସାମଗ୍ରୀ ଉପରେ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ପୂର୍ଣ୍ଣ ସୀମାଶୁଳ୍କ ଛାଡ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଏହି ପଦକ୍ଷେପ ସାମୟିକ ଭାବେ ଗ୍ରହଣ କରାଯାଇଛି । ଘରୋଇ ଶିଳ୍ପରେ ଏହି ପେଟ୍ରୋ କେମିକାଲ ସାମଗ୍ରୀ ଗୁଡ଼ିକର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଫଳରେ ଏ କ୍ଷେତ୍ରରେ କ୍ରୟ ଚାପ ହ୍ରାସ କରାଯିବା ସହ ଦେଶରେ ଯୋଗାଣ ସ୍ଥିରତା ବଜାୟ ରହିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପେଟ୍ରୋ କେମିକାଲ ସାମଗ୍ରିଗୁଡ଼ିକ ମଧ୍ୟରେ ପ୍ଲାଷ୍ଟିକ, ପ୍ୟାକେଜିଂ, ବୟନ, ଫାର୍ମାସିଟିକାଲ୍ସ, କେମିକାଲ୍ସ, ଅଟୋମେଟିଭ ସାମଗ୍ରୀ ଏବଂ ଅନ୍ୟାନ୍ୟ ନିର୍ମାଣକାରୀ ପଦାର୍ଥ ରହିଛି ।

ଏହି ସୀମାଶୁଳ୍କ ଛାଡ ଦ୍ୱାରା ଖାଉଟୀମାନଙ୍କ ଉପରେ ଚୂଡାନ୍ତ ସାମଗ୍ରୀ ଦର ଚାପ ପଡିବ ନାହିଁ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ସମୁଦାୟ ୪୦ଟି ସାମଗ୍ରୀ ଉପରେ ସୀମାଶୁଳ୍କ ଛାଡ କରାଯାଇଛି । ସେଗୁଡ଼ିକ ମଧ୍ୟରେ ମିଥାନଲ, ଆନ୍‌ହାଇଡ୍ରୋସ ଆମୋନିଆ, ଟଲ୍‌ୱିନ, ଷ୍ଟିରେନ୍, ଡାଇକ୍ଲୋରୋମିଥେନ ଏବଂ ଭିନାଇଲ କ୍ଲୋରାଇଡ ମୋନୋମର ରହିଛି ।

# ଏଲ୍‌ଏସ୍-ପ୍ରିପେଡ ମିଟର

କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହରଲାଲ ସ୍ୱଷ୍ଟୀକରଣ ଦେଇ କହିଛନ୍ତି ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ପ୍ରିପେଡ୍ ଇଲେକ୍ଟ୍ରି ସ୍ମାର୍ଟ ମିଟର ବ୍ୟବସ୍ଥା ବାଧ୍ୟତାମୂଳକ ନୁହେଁ । ଲୋକସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଲାଲ କହିଛନ୍ତି ଯଦି ଜଣେ ଉପଭୋକ୍ତା ପ୍ରିପେଡ୍ ସ୍ମାର୍ଟ ମିଟର ନେବାପାଇଁ ଇଚ୍ଛାପ୍ରକାଶ କରନ୍ତି ତେବେ କେବଳ ଖାଉଟୀ ଉପକୃତ ହେବେ ନାହିଁ ବରଂ ରାଜ୍ୟ ଏବଂ ବ୍ୟବହୃତ କମ୍ପାନୀଗୁଡ଼ିକ ଲାଭବାନ ହେବେ । ସେ କହିଛନ୍ତି ଅନେକ ରାଜ୍ୟରେ ସ୍ମାର୍ଟ ପ୍ରିପେଡ୍ ମିଟର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି । କୌଣସି ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବଳପୂର୍ବକ ଭାବେ ପ୍ରିପେଡ୍ ଇଲେକ୍ଟ୍ରି ସ୍ମାର୍ଟ ମିଟର ବ୍ୟବହାର କରିବା ପାଇଁ କୁହାଯାଇପାରିବ ନାହିଁ, ଏହା ଇଚ୍ଛାଧୀନ । ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକର କ୍ଷତି ଏବେ ପାଖାପାଖି ୭ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଉପଭୋକ୍ତାଙ୍କଠାରୁ ବିଦ୍ୟୁତ୍ ବିଲ୍

ଆଦାୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

**V/O**

# ଆର୍‌ଏସ୍-ସ୍ପେଶ୍

କେନ୍ଦ୍ର ଆଣବିକ ଶକ୍ତି ଏବଂ ମହାକାଶ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଭାରତ ତା' ମାଟିରେ ଏପର୍ଯ୍ୟନ୍ତ ୪୩୪ଟି ବୈଦେଶିକ ଉପଗ୍ରହ ପ୍ରକ୍ଷେପଣ କରିଛି । ଲୋକସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଡକ୍ଟର ସିଂହ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ୯୦ ପ୍ରତିଶତରୁ ଅଧିକ ବୈଦେଶିକ ଉପଗ୍ରହ ପ୍ରକ୍ଷେପଣ କରାଯାଇଛି । ଭାରତର ମହାକାଶ ଅର୍ଥନୀତି ପାଖାପାଖି ୯ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଏହା ୨୦୩୩ ମସିହା ବେଳକୁ ୪୪ରୁ ୪୫ ବିଲିୟନ ଡଲାର ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ।

# ଡିଫେନ୍ସ ଏକ୍ସପୋର୍ଟ ଡାଟା

ପ୍ରତିରକ୍ଷା ରପ୍ତାନୀ ପରିମାଣ ୨୦୨୫-୨୬ ଆର୍ଥିକ ବର୍ଷରେ ୩୮ହଜାର ୪୨୪ କୋଟି ଟଙ୍କାରେ ପହଞ୍ଚିଛି । ଯାହାକି ପୂର୍ବ ଆର୍ଥିକ ବର୍ଷରେ

ପ୍ରତିରକ୍ଷା ରପ୍ତାନୀ ପରିମାଣ ୨୩ହଜାର ୬୨୨ କୋଟି ଟଙ୍କା ଥିଲା । ଏହି ଅଭିବୃଦ୍ଧି ପରିମାଣ ପୂର୍ବବର୍ଷ ଠାରୁ ୬୨ ଦଶମିକ ୬/୬ ପ୍ରତିଶତ ଅଧିକ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ପ୍ରତିରକ୍ଷା ରାଷ୍ଟ୍ରାୟତ ଉଦ୍ୟୋଗ କମ୍ପାନୀ ଏବଂ ଘରୋଇ କ୍ଷେତ୍ରର ଅବଦାନ ଯୋଗୁଁ ଏହି ସଫଳତା ହାସଲ କରାଯାଇପାରିଛି । ପ୍ରତିରକ୍ଷା ରାଷ୍ଟ୍ରାୟତ ଉଦ୍ୟୋଗରୁ ୫୪ ଦଶମିକ ୮/୪ ପ୍ରତିଶତ ଏବଂ ଘରୋଇ କ୍ଷେତ୍ରରେ ୪୫ ଦଶମିକ ୧/୬ ପ୍ରତିଶତ ରପ୍ତାନୀ ହୋଇଛି । ଗତବର୍ଷ ତୁଳନାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷେତ୍ରରେ ରପ୍ତାନୀ ପରିମାଣ ୧୫୧ ପ୍ରତିଶତ ହୋଇଥିବାବେଳେ ଘରୋଇ କ୍ଷେତ୍ରରେ ୧୪ ପ୍ରତିଶତ ଅଧିକ ରହିଥିବା ସୂଚନା ଦିଆଯାଇଛି । ଏହି ସଫଳତାକୁ ପ୍ରଶଂସା କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ପ୍ରତିରକ୍ଷା ଯନ୍ତ୍ରାଂଶ କ୍ଷେତ୍ରରେ ଭାରତ ବିଶ୍ୱ ନିର୍ମାଣକାରୀ କେନ୍ଦ୍ରସ୍ଥଳ ଆଡକୁ ଅଗ୍ରସର ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କ୍ରମେ ଭାରତର ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ର ସଫଳତା ହାସଲ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ଏସ୍‌ଏଲ୍-ଟିସୁନାମି ଓ୍ୱାର୍ଣ୍ଣିଂ

ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି ଇଣ୍ଡୋନେସିଆର ମଲ୍ଲୁକା ସମୁଦ୍ରରେ ଗତକାଲି ୭ ଦଶମିକ ୪ ତୀବ୍ରତା

ବିଶିଷ୍ଟ ଭୂମିକମ୍ପ ହେବାପରେ ମଧ୍ୟ ଦୀପ ଉପକୂଳବର୍ତ୍ତୀ ଅଞ୍ଚଳ ସୁରକ୍ଷିତ ରହିଛି । ଦକ୍ଷିଣପୂର୍ବ ଏସିଆର କେତେକ ଅଞ୍ଚଳରେ ସୁନାମି ସତର୍କତା ଜାରି କରାଯାଇଛି । ସୁଲାଓ୍ୱାସି ଏବଂ ମାଲକୁ ଉପଦ୍ୱୀପ ଅଞ୍ଚଳ ମଧ୍ୟରେ ସ୍ଥାନୀୟ ସମୟ ଭୋର୍ ୬ଟା ୪୮ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା । ସମୁଦ୍ରର ଲହଡି ଇଣ୍ଡୋନେସିଆ ଉପକୂଳରେ ୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ଉପରକୁ ଉଠିଥିଲା । ଫଳରେ ମାନାଡୋ ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହେବା ସହ ବହୁସଂଖ୍ୟାରେ ଘରଦ୍ୱାର ନଷ୍ଟ ହୋଇଥିବା ସୂଚନା ମିଳିଛି । ସୁନାମି ନୀରିକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ କୁହାଯାଇଛି ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ମାଲେସିଆରେ ସମ୍ଭାବ୍ୟ ଭୟଙ୍କର ଲହଡି ଆସିବାର ସମ୍ଭାବନା ରହିଛି ।

## କ୍ରିକେଟ୍-ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ୧୪୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ।

୧୪୨ ରନ୍ ବିଜୟ ଲକ୍ଷ୍ୟର ପିଛାକରି ଦିଲ୍ଲୀ କ୍ୟାପିଟାଲ୍ସ ୧୭ ଓଭର ଓ ଗୋଟିଏ ବଲ୍‌ରେ ୪ ୱିକେଟ୍ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ସମୀର ରିଜ୍‌ଭି ଅପରାଜିତ ୭୦ରନ୍ କରିବା ସହିତ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।